




# ତ୍ରିନାଥ ମେଳା

ବ୍ରହ୍ମା ବିଷ୍ଣୁ ମହାଦେବ ସ୍ୱରୂପଂ ବ୍ରତମୁତ୍ତମଂ
ଦେବ ଦେବ ତ୍ରିନାଥଂଚ ବ୍ରହ୍ମା ବିଷ୍ଣୁ ମହେଶ୍ୱରଃ ।
ତ୍ରିଶୂଳ ଧାରଣେ ଦେବୋ ତ୍ରିମୂର୍ତ୍ତୟେ ନମୋଽନମଃ
ନମାମି ଦେବ ଦେବେଶଂ ତ୍ରିନାଥଂ ଭକ୍ତବତ୍ସଳଂ ।

ଶୁଣ ସୁଜନେ ଦେଇ ମନ । ତ୍ରିନାଥ ମେଳାର ଆଖ୍ୟାନ ॥
ଶୁଣିବା ହୋଇ ଏକ ଚିତ୍ତ । ପଦ୍ମ ପଦକେ ଏ ଅମୃତ ॥
ଶ୍ରୀପୁର ବୋଲିଣ ସେ ଗ୍ରାମ । ବିପ୍ର ମଧୁସୂଦନ ନାମ ॥
ଦରିଦ୍ର ବିପ୍ର ସେ ଅଟଇ । ଭିକ୍ଷା ମାଗିଣ ଦିନ ନେଇ ॥
ସେ ଦ୍ୱିଜବର କଥା ଶୁଣ । ହୋଇଲା ତାର ପୁତ୍ର ଜନ୍ମ ॥
କ୍ଷୀର ନୋହିଲା ବ୍ରାହ୍ମଣୀର । କି ଖାଇ ବଞ୍ଚିବ କୁମର ॥
ବ୍ରାହ୍ମଣୀ ମନେ ବିଚାରିଲା । ଶୁଣ ଦ୍ୱିଜବର ବୋଇଲା ॥
ପୁତ୍ରକୁ କ୍ଷୀର ଦେବାପାଇଁ । ଖୋଜି ଆଣ ଦୁହାଁଳ ଗାଈ ॥
ଶୁଣି ବ୍ରାହ୍ମଣ କହେ ବାଣୀ । ବାଇକି ହୋଇଲୁ ବ୍ରାହ୍ମଣୀ ॥
ଗରିବ ଦ୍ୱିଜ ମୁହିଁ କାହିଁ । ପାଇବି ଦୁହାଁଳିଆ ଗାଈ ॥
ଧନ ରତ୍ନାଦି ଥିବା ଲୋକ । କାର୍ଯ୍ୟରେ ଅଟଇ ବିବେକ ॥

ଚଣ୍ଡାଳ ଥାଇ ଯେଉଁ ଜନ । ଧନ ସମ୍ପଦେ ପରିପୂର୍ଣ୍ଣ ॥
ତାହାକୁ ଲୋକେ ସଦା ଡରେ । ବ୍ରାହ୍ମଣୀକୁ ବା କେ ପଚାରେ ॥
ଏମନ୍ତେ ଦ୍ୱିଜବର ବାଣୀ । ଶୁଣି ଦୁଃଖିତ ସେ ବ୍ରାହ୍ମଣୀ ॥
ଆହେ ବିଧାତା ତୁ କି କଲୁ । ଦରିଦ୍ର ଘରେ ପୁତ୍ର ଦେଲୁ ॥
କି ଖାଇ ବଞ୍ଚିବ କୁମର । ବାଳକ ହତ୍ୟା ହେବ ମୋର ॥
କ୍ଷୀର ନ ଖାଇ ବତ୍ସମଣି । କାନ୍ଦିଣ ଲୋଟଇ ଧରଣୀ ॥
ଦେଖି ବ୍ରାହ୍ମଣୀ ବିଚାରଇ । କି ବୁଦ୍ଧି କରିବଇଁ ମୁହିଁ ॥
ଏତେ ବିଚାରି ଦ୍ୱିଜବର । ଯା କିଛି ଧନ ଥିଲା ତାର ॥
ତମ୍ବା କଂସା ଯେ ଯାହାଥିଲା । ଶ୍ରୀପୁର ହାଟରେ ବିକିଲା ॥
ଭିକ୍ଷାରୁ କରିଣ ସଞ୍ଚୟ । କଲା ସେ ପାଞ୍ଚ ଟଙ୍କା ଆୟ ॥
ସେ ଟଙ୍କା ଘେନିଣ ବ୍ରାହ୍ମଣ । ମିଳିଲା ଆପଣା ଭୁବନ ॥
ନିଜ ପତ୍ନୀକି ତାହା ଦେଲା । ଦେଖି ବ୍ରାହ୍ମଣୀ ତୋଷ ହେଲା ॥
ବୋଇଲା ଦ୍ୱିଜବର ଶୁଣ । ଦୁହାଁଳ ଧେନୁ କିଣିଆଣ ॥
ବ୍ରାହ୍ମଣ ପାଞ୍ଚ ଟଙ୍କା ନେଇ । ବୁଲିଲା ଗ୍ରାମେ ଗ୍ରାମେ ଯାଇ ॥
ଯେ ଗ୍ରାମେ ମହାଜନ ଘର । ଅତ୍ୟନ୍ତ ବଡ଼ ସୌଦାଗର ॥
ସେ ଗ୍ରାମେ ମିଳି ଦ୍ୱିଜବର । ଦେଖି ସନ୍ତୋଷ ମନ ତାର ॥
ଧନ ଧାନ୍ୟରେ ପରିପୂର୍ଣ୍ଣ । ଅଟଇ କୁବେର ସମାନ ॥
ଗୋଧନ ଗୁହାଳ ଗୁହାଳ । ଦଇବ ଘଟସୂତ୍ର ବେଳ ॥
ବଉଳା ବୋଲି ଏକ ଗାଇ । ସେ ବଡ଼ ଓଲିଆ ଅଟଇ ॥
ବିଲକୁ ଚରିବୁଲି ଯାଇ । ପଡ଼ିଶା ବାଡ଼ିରେ ପଶଇ ॥
କ୍ଷତି କରଇ ସେ ଅପାର । ଓଲାରି ଖାଏ ଘର ଦ୍ୱାର ॥
ଦିନେ ଦେଖିଲା ସୌଦାଗର । ହୋଇ କୋପରେ ଥରହର ॥
ବୋଇଲା ମୁଖଯା ନ ଚାହିଁ । ଏକ୍ଷଣି ବିକିଦେବି ମୁହିଁ ॥
ପଚାଶ ଟଙ୍କା ହେବ ଏହି । ଏଥିରେ ଦରକାର ନାହିଁ ॥
ଏକ୍ଷଣି ଗ୍ରାହକ ପାଆନ୍ତି । ପାଞ୍ଚ ଟଙ୍କାକୁ ବିକି ଦ୍ୟନ୍ତି ॥



ଏମନ୍ତ ସମୟେ ବ୍ରାହ୍ମଣ । ବୋଇଲା ମହାଜନ ଶୁଣ ॥
ପଚାଶ ଟଙ୍କା ହେବ ତୋର । ତହିଁରେ ନାହିଁ ଦରକାର ॥
ପାଞ୍ଚ ଟଙ୍କା ଯେ ଦେବି ମୁହିଁ । ଗାଇ ବାଛୁରୀ ଦିଅ ତୁହି ॥
ତା ଶୁଣି ବୋଲେ ସୌଦାଗର । ବାତୁଳ ତୁହି ଦ୍ୱିଜବର ॥
ପଚାଶ ଟଙ୍କା ଗାଇ ମୋର । ନେବୁ ତୁ ପାଞ୍ଚ ଯେ ଟଙ୍କାର ॥
ତା ଶୁଣି ବୋଇଲା ବ୍ରାହ୍ମଣ । ସତ୍ୟରେ ସାଧବ ତୋ ନାମ ॥
ତୋ ବାକ୍ୟ ତୁହି ରକ୍ଷାକର । ଅସତ୍ୟ ନୁହେଁ ସୌଦାଗର ॥
ଏମନ୍ତେ ବ୍ରାହ୍ମଣ ବଚନେ । ଭାବଇ ସୌଦାଗର ମନେ ॥
ନ ଜାଣି କହି ଦେଲି ମୁହିଁ । ବ୍ରାହ୍ମଣ ଶୁଣୁଥିଲା କାହିଁ ॥
ଯେବେ ନ ଦେବି ଏହି ଗାଇ । ଆଜ ଅସତ୍ୟ ହେବି ମୁହିଁ ॥
ଏମନ୍ତେ ମନେ ବିଚାରିଲା । ଗାଇ ବାଛୁରୀ ନେଇଗଲା ॥
ସେଠାରୁ ଦ୍ୱିଜ ଚଳିଗଲା । ଆପଣା ଭୁବନେ ମିଳିଲା ॥
ଦେଖିଣ ବ୍ରାହ୍ମଣୀ ଆନନ୍ଦ । ମୁଖ ତା ପୂର୍ଣ୍ଣିମାର ଚାନ୍ଦ ॥
ଆନନ୍ଦ କେ ପାରିବ କହି । ପୁତ୍ରକୁ କ୍ଷୀରପାନ ଦେଇ ॥
ଏମନ୍ତେ କେତେ ଦିନଗଲା । ଦିନେ ଯେ ଗାଇ ତା ହଜିଲା ॥
ଦିବସ ଶେଷେ ସନ୍ଧ୍ୟାକାଳେ । ବ୍ରାହ୍ମଣ ଗାଇ ଖୋଜିଗଲେ ॥
ସାହି ପଡ଼ିଶା ବାରିଘର । ଖୋଜି ନ ପାଇ ଦ୍ୱିଜବର ॥
ଦୁଃଖ ମନରେ ସେ ଚଳିଲା । ସେ ଦିନ ରଜନୀ ପାହିଲା ॥
ପ୍ରଭାତୁ ଉଠି ଦ୍ୱିଜବର । ଯଷ୍ଟି ଖଣ୍ଡିଏ ଧରି କର ॥
ବ୍ରାହ୍ମଣ ଗୃହରୁ ବାହାର । ଗାଇ ପାଇବ ଆଶେ ତାର ॥
ଏମନ୍ତେ କେତେ ଦୂର ଗଲା । ପଥରେ ବୃକ୍ଷେକ ଦେଖିଲା ॥
ସେ ଅଟେ ବଡ଼ ବଟବୃକ୍ଷ । ସେଠାରେ ଦେଖିଲା ପ୍ରତ୍ୟେକ୍ଷ ॥
ସେ ବଟବୃକ୍ଷ କଥା ଶୁଣ । ସେଥିରେ ଥାନ୍ତି ତିନି ଜଣ ॥
ବ୍ରହ୍ମା ବିଷ୍ଣୁ ଯେ ମହେଶ୍ୱର । ବସି ଅଛନ୍ତି ବୃକ୍ଷପର ॥
ସେ ସ୍ଥାନେ ବ୍ରାହ୍ମଣ ଯେ ମିଳି । ଶ୍ରମ ସାରିଣ ଗୃହେ ଚଳି ॥

ଏମନ୍ତେ ବ୍ରାହ୍ମଣେ ଚଳନ୍ତେ । ଡାକିଲେ ପ୍ରଭୁ ତ୍ରୟନାଥେ ॥
ଶୁଣିମା ଆହେ ଦ୍ୱିଜବର । କିମ୍ପାଇ ମନ ଦୁଃଖ ତୋର ॥
କେଣିକି କରୁଛ ଗମନ । ସେ କଥା କହ ହେ ବ୍ରାହ୍ମଣ ॥
ଶୁଣି ବ୍ରାହ୍ମଣ ଯୋଡ଼ିକର । କହଇ ବଚନ ମଧୁର ॥
ଗରିବ ଦ୍ୱିଜ ମୁଁ ଅଟଇ । ଭିକ୍ଷା ମାଗିଣ ଦିନ ନେଇ ॥
ଆଜି ଶ୍ରୀପୁର ହାଟ ହୋଇ । ସେ ହାଟେ ଖୋଜିବଇଁ ଯାଇ ॥
କେବା ଚୋରାଇ ନେଇଥିବ । ସେ ହାଟେ ବିକିରି କରିବ ॥
ଏ ହେତୁ ଯିବାର ମୋହର । ଶୁଣ ହେ ତ୍ରିନାଥ ଠାକୁର ॥
ବୋଇଲନ୍ତି ତ୍ରିନାଥ ଗୋସାଇଁ । ହାଟକୁ ଯେବେ ଯିବୁ ତୁହି ॥
କିଛି ସଉଦା ଆମ୍ଭ ପାଇଁ । ଆଣିବୁ ଦ୍ୱିଜବର ତୁହି ॥
ବ୍ରାହ୍ମଣ ବୋଲଇ ଉତ୍ତର । କିସ ଯେ ସଉଦା ତୁମ୍ଭର ॥
ବୋଇଲନ୍ତି ତ୍ରିନାଥ ଗୋସାଇଁ । ପଇସାକର ଯେ ଗଞ୍ଜାଇ ॥
ପାନ ସୁପାରି ପାହିକର । ମାଲପା ଏକ ଯେ ପାହିର ॥
ଏଇ ସଉଦା ଆମ୍ଭପାଇଁ । ଆଣିବୁ ଦ୍ୱିଜବର ତୁହି ॥
ଏହାକୁ ଆଣିବୁ ଯେ ତୁହି । ଆମ୍ଭର ସଉଦା ଯେ ଏହି ॥
ଶୁଣିଣ ବ୍ରାହ୍ମଣ କହଇ । ପଇସା କାହୁଁ ପାଇବଇଁ ॥
ଗରିବ ଦ୍ୱିଜ ମୁଁ ଅଟଇ । ଭିକ୍ଷା ମାଗିଣ ଦିନ ନେଇ ॥
ତ୍ରିନାଥ ବୋଲନ୍ତି ଉତ୍ତର । ଶୁଣିମା ଆହେ ଦ୍ୱିଜବର ॥
ଦେଖ ଏ ଯେଉଁ ବେଣା ମୂଳ । ତିନି ପଇସା ତାର ତଳ ॥
ତିନି ପଇସା ତହୁଁ ପାଇ । ଆହୁରି ବେଣା ଉପୁଡ଼ାଇ ॥
ବୋଲନ୍ତି ତ୍ରିନାଥ ଗୋସାଇଁ । ବ୍ରାହ୍ମଣ ହୋଇଲୁକି ବାଇ ॥
ଆଉ ପଇସା ତହିଁ ନାହିଁ । ଯାହା ପାଇଲୁ ଥିଲା ତହିଁ ॥
ଏମନ୍ତ ବଚନ ଶୁଣିଲା । ବ୍ରାହ୍ମଣ ତହୁଁ ଚଳିଗଲା ॥
ଥୋକାଏ ପଥ ଗଲା ବହି । ମନେ କି ଭାବିଣ ଫେରଇ ॥
ବୃକ୍ଷ ମୂଳରେ ସେ ମିଳିଲା । ହସ୍ତ ଯୋଡ଼ିଣ ଉଭା ହେଲା ॥



ତ୍ରିନାଥ ବୋଲନ୍ତି ଉତ୍ତର । କିମ୍ପା ଫେରିଲୁ ଦ୍ୱିଜବର ॥
ବ୍ରାହ୍ମଣ କହେ ଯୋଡ଼ିକର । ମାଲପା ଆଣିବି କାହିଁର ॥
ତ୍ରିନାଥ ବୋଲନ୍ତି ଉତ୍ତର । ଆଣିବୁ ତୋର ଗାମୁଛାର ॥
ତା ଶୁଣି ବ୍ରାହ୍ମଣ ବୋଲଇ । ଲୁଗାରେ ତେଲ କି ଆସଇ ॥
ତୁମ୍ଭେ ଯେ ଜଗତ ଗୋସାଇଁ । କପଟ କଲ ମୋହଠାଇଁ ॥
ତ୍ରିନାଥ ବୋଲନ୍ତି ଉତ୍ତର । କପଟ ନାହିଁ ତୋହଠାର ॥
ଆମ୍ଭର ନାମ ଧରି ତୁହି । ଆଣିବୁ ଲୁଗାରେ ପୁରାଇ ॥
ମେଲାଣି ମାଗି ଦ୍ୱିଜବର । ସେଠାରୁ ହୋଇଲା ବାହାର ॥
ଆନନ୍ଦେ ବିପ୍ର ଚଳିଗଲା । ଶ୍ରୀପୁର ହାଟରେ ମିଳିଲା ॥
ଗୋରୁ ହାଟକୁ ଖୋଜି ଯାଇ । ଗୋରୁର ସନ୍ଦେଶ ନ ପାଇ ॥
କିଣିଲା ପାନ ଯେ ସୁପାରି । ଗଞ୍ଜାଇ ସଉଦା ସେ ସାରି ॥
ତେଲ ହାଟକୁ ଚଳିଗଲା । ତେଲିକି ଯେ ତେଲ ମାଗିଲା ॥
ସମସ୍ତେ ନାହିଁ ନାହିଁ କଲେ । ପାଗଳ ବିପ୍ର ଏ ବୋଇଲେ ॥
ସେଠାରୁ ଚଳିଣ ସେ ଗଲା । ବୁଢ଼ା ତେଲିକି ପଚାରିଲା ॥
ବୁଢ଼ା ଯେ ବୋଇଲା ଗୋସାଇଁ । କେତେ ମାଲପା ଦେବୁ ତୁହି ॥
ବ୍ରାହ୍ମଣ ବୋଇଲା ଉତ୍ତର । ମାଲପା ନେବି ପାହିକର ॥
ତେଲି ଯେ ତେଲ ମାପକଲା । ବ୍ରାହ୍ମଣ ଗାମୁଛା ପାଇଲା ॥
ତେଲି ଯେ ମନେ ବିଚାରଇ । ବାତୁଳ ବିପ୍ର ଏ ଅଟଇ ॥
ଏହାକୁ ଭୁଲାଇଣ ଦେବି । ପଇସା ଗୋଟି ମୁହିଁ ନେବି ॥
ନଳକୁ ତଳମୁଖ କରି । ତେଲ ମାପଇ ଯତ୍ନକରି ॥
ଗାମୁଛା କାନିରେ ସେ ଦେଲା । ତା ଘେନି ବିପ୍ର ଚଳିଗଲା ॥
ତେଲି ଯେ ବସିଥିଲା ହାଟେ । ଦେଖିଲା ତେଲ ନାହିଁ ମୋଟେ ॥
ତକ୍ଷଣେ ତେଲ କାହିଁ ଗଲା । ଯେ ଭାଣ୍ଡ ପୂର୍ଣ୍ଣ ହୋଇଥିଲା ॥
ତା ଦେଖି ତେଲି ମୋହଯାଇ । ଅଜ୍ଞାନେ ଭୂମିରେ ଲୋଟିଲା ॥
ଦେଖିଣ ସମସ୍ତେ ଧାଇଁଲେ । ବୁଢ଼ାକୁ ତୋଳିଣ ଧଇଲେ ॥

ବୁଢ଼ାର ମୁଖେ ଜଳ ସିଞ୍ଚି । ସଚେତ କରିଣ ବସାନ୍ତି ।।
ବୁଢ଼ା ଯେ ପାଇଲା ଚେତନ । ସମସ୍ତେ ପୁଚ୍ଛିଲେ କାରଣ ।।
ବୁଢ଼ା ବୋଲଇ କ୍ରୋଧ ହୋଇ । କି ବୁଦ୍ଧି କରିବଇଁ ମୁହିଁ ।।
କାହୁଁ ସେ ବ୍ରାହ୍ମଣ ଅଇଲା । ତେଲ ନଳିଏ କିଣି ନେଲା ।।
ଏକ୍ଷଣି ଗଲା ସେ ପଳାଇ । ଦେଖିଲି ଭାଣ୍ଡେ ତେଲ ନାହିଁ ।।
ଆମ୍ଭଙ୍କୁ ତେଲ ମାଗୁଥିଲା । ନାହିଁ କଲୁ ସେ ଫେରିଗଲା ।।
ଏମନ୍ତେ ସମସ୍ତେ ଧାଇଁଲେ । ବ୍ରାହ୍ମଣ ପାଶରେ ମିଳିଲେ ।।
ସମସ୍ତେ ବୋଲନ୍ତି ଉତ୍ତର । ଶୁଣିମା ଆହେ ଦ୍ୱିଜବର ।।
ତେଲ ଯେ ଆଣିଛ ଗୋସାଇଁ । ସେ ତେଲ ଅଛି ଭଣା ହୋଇ ।।
ଦେବୁ ଯେ ଭରଣା କରିଣ । ଫେରିଣ ଚଳ ଯେ ବ୍ରାହ୍ମଣ ।।
ପୁଣି ବ୍ରାହ୍ମଣ ଚଳିଗଲା । ହାଟ ମଧ୍ୟରେ ସେ ମିଳିଲା ।।
ମୋଟରେ ତେଲ ଦେଲା ଢାଳି । ତକ୍ଷଣେ ପଡ଼ିଲା ଉଛୁଳି ।।
ଦେଖିଣ ତେଲି ଯେ ଆନନ୍ଦ । ମୁଖ ତା ପୂର୍ଣ୍ଣିମାର ଚାନ୍ଦ ।।
ନଳକୁ ଠିକରେ ସେ ଧରି । ତେଲ ମାପଇ ଯତ୍ନ କରି ।।
ବ୍ରାହ୍ମଣ ଲୁଗାରେ ସେ ଦେଲା । ଘେନି ବ୍ରାହ୍ମଣ ଚଳିଗଲା ।।
ମିଳିଲା ଯାଇଁ ବୃକ୍ଷକତି । ଯେ ବୃକ୍ଷେ ତ୍ରିନାଥ ଅଛନ୍ତି ।।
ତାଙ୍କର ସଉଦା ସେ ଦେଇ । ମେଲାଣି ତାହାଙ୍କୁ ମାଗଇ ।।
ତ୍ରିନାଥ ବୋଲନ୍ତି ଉତ୍ତର । ଶୁଣିମା ହେଉ ଦ୍ୱିଜବର ।।
ଦେଖିଣ ଏ କଷ୍ଟ ତୁମ୍ଭର । ସୁଦୟା ହୋଇଲା ଆମ୍ଭର ।।
କଥାଏ ଆମ୍ଭଠାରୁ ଶୁଣ । ସେବ ତୁ ଆମ୍ଭର ଚରଣ ।।
ଦୁଃସହ ଦୁଃଖଯିବ ତୋର । ସମ୍ପଦ ମିଳିବ ଅପାର ।।
ତା ଶୁଣି ବ୍ରାହ୍ମଣ କହଇ । କି ଦ୍ରବ୍ୟେ ପୂଜା କରିବଇଁ ।।
ତ୍ରିନାଥ ବୋଲନ୍ତି ଉତ୍ତର । ଶୁଣ ଗରିବ ଦ୍ୱିଜବର ।।
ଦ୍ରବ୍ୟ ଯେ ନ ଲାଗଇ ଅତି । ଅଳପେ ହେଉ ଯେ ତୃପତି ।।
ଏହି ଯେ ସଉଦା ଆମ୍ଭର । ଅଟଇ ତିନି ପଇସାର ।।



ତ୍ରିନାଥ ନିଜ ପୂଜା ଏହି । ମେଲା ତୁ ଦିଅ ବିପ୍ରସାଇଁ ।।
ଚିଲମ ତିନିଗୋଟି କରି । ଗଞ୍ଜେଇ ଦଳି ତହିଁ ଭରି ।।
ଅଗ୍ନି ଯେ ଲଗାଇ ତହିଁରେ । ଥୋଇବ ଯତନ ପ୍ରକାରେ ।।
ପ୍ରଦୀପ ତିନି ଗୋଟି କରି । ମାଳପା ଦେଇ ବତୀ ଭରି ।।
ପାନ ସୁପାରି ସଜାଡ଼ିବ । ଆସ ହେ ତ୍ରିନାଥ ବୋଲିବ ।।
ରାତ୍ରର ପ୍ରଥମ ପ୍ରହରେ । ଆପଣା ମନ୍ଦିର ଭିତରେ ।।
ଡକାଇ ସର୍ବ ପ୍ରିୟଜନେ । ପୂଜିବ ତ୍ରିନାଥ ଚରଣେ ।।
ଦିବ୍ୟ ଆସନ ତହିଁ ଦେଇ । ସକଳ ପଦାର୍ଥ ଯୋଗାଇ ।।
ନୈବେଦ୍ୟ କେଡେ ନ କରିବ । କେବଳ ସମର୍ପଣ ଦେବ ।।
ଏମନ୍ତ କରି ମେଲା ଦିଅ । ସକଳ ପାପୁ ପାରି ହୁଅ ।।
ତା ଶୁଣି ଦରିଦ୍ର ବ୍ରାହ୍ମଣ । ମେଲା ସେ କଲାକ ଭିଆଣ ।।
ବୃକ୍ଷ ମୂଳରେ ମେଲା ଦେଇ । ସଜାଇ ରଖିଲା ଗଞ୍ଜେଇ ।।
ଦ୍ୱିପ ଜ୍ୱଳନେ ନାହିଁ ବତୀ । ବିଚାରେ ସେହି ଦ୍ୱିଜପତି ।।
ତ୍ରିନାଥ ବୋଲନ୍ତି ଉତ୍ତର । ଗାମୁଛା କାନି ଚିରି ତୋର ।।
ତା ଶୁଣି ବ୍ରାହ୍ମଣ କହଇ । ଗରିବ ଦ୍ୱିଜ ମୁଁ ଅଟଇ ।।
ଭିକ୍ଷା ମାଗିଣ ଦିନ ନେଇ । ଏ ରୂପେ କୁଟୁମ୍ବ ପୋଷଇ ।।
ଅନ୍ନ ବସ୍ତ୍ରରେ ମୁହିଁ ଦୁଃଖୀ । ଗାମୁଛା ମାଗିଣ କରିଛି ।।
ଦ୍ୱିଜ ଜ୍ୱଳନେ ବତୀ ନାହିଁ । ବିଚାରେ ଦ୍ୱିଜବର ତହିଁ ।।
ଗାଇକି ମୋର ଚୋର ନେଲା । ଗାମୁଛା ପୁଣି ବତୀ ହେଲା ।।
କୁଟୁମ୍ବ ଉପବାସ ରହି । ମୋତେ ଯେ ଥିବେ ବାଟ ଚାହିଁ ।।
କି ବୁଦ୍ଧି କରିବଇଁ ମୁହିଁ । ବସିଣ ମନସେ ଭାବଇ ।।
ତ୍ରିନାଥ ବୋଲନ୍ତି ଉତ୍ତର । ବ୍ରାହ୍ମଣ ଭାବନା ନକର ।।
ଗାଈ ବାଛୁରୀ ମିଳିବେ । କୁଟୁରି ସୁଖରେ ରହିବେ ।।
ବସ୍ତ୍ରହିଁ ବହୁତ ମିଳିବ । ଧନ ସମ୍ପଦ ପୂର୍ଣ୍ଣ ହେବ ।।
ବ୍ରାହ୍ମଣ କହେ ଯୋଡ଼ିକର । ଯେବେ ଭାଗ୍ୟ ହେବ ମୋର ।।

ଦେଖିବି ଯେ ପାଞ୍ଚ ମେଳା ମୁହିଁ । ଏ କଥା ମୋର ସତ୍ୟ ହୋଇ ॥
ସେ ବଟବୃକ୍ଷ ମୂଳେ ରହି । ପ୍ରଭୁଙ୍କ ମେଳା ସେ ଦିଶଇ ॥
ମେଳା ଦେଖିଣ ଦ୍ୱିଜବର । ଆନନ୍ଦେ ଯୋଡ଼ିଣ ବେନିକର ॥
ଖଣ୍ଡେ ଦୂରକୁ ଘୁଞ୍ଚିଗଲା । ସାଷ୍ଟାଙ୍ଗେ ଦଣ୍ଡବତ ହେଲା ॥
ମେଲାଣି ମାଗି ଦ୍ୱିଜବର । ସେଠାରୁ ହୋଇଲା ବାହାର ॥
ଏମନ୍ତ ଖଣ୍ଡେ ଦୂର ଯାଇ । ପଥରେ ଦେଖିଲାକ ଗାଈ ॥
ବ୍ରାହ୍ମଣ ମନେ ବିଚାରିଲା । ମୋତେ ତ୍ରିନାଥ ଦୟାକଲା ॥
ଗାଈ ବାଛୁରୀ ସଙ୍ଗେ ନେଇ । ଗୃହରେ ମିଳିଲାକ ଯାଇ ॥
ଦେଖିଲା ସର୍ବ ଗୃହମାନ । ଧନ ସମ୍ପଦେ ପରିପୂର୍ଣ୍ଣ ॥
ଦେଖିଣ ଆନନ୍ଦ ହୋଇଲା । ପ୍ରଭୁଙ୍କ ମେଳା ପୁଣି ଦେଲା ॥
ସକଳ ଲୋକଙ୍କୁ ଡକାଇ । ଏ ରୂପେ ମେଳା ବିଧି ଦେଇ ॥
ସେରାଜ୍ୟେ ଯେତେଲୋକ ଥିଲେ । କୋଟିଏ ସମ୍ପଦ ପାଇଲେ ॥
ଦରିଦ୍ର ଲୋକ ଯେତେ ଥିଲେ । ଗୋଟିଏ ସମ୍ପଦ ପାଇଲେ ॥
ଧନ ହୋଇଲା ଅପ୍ରମିତ । ଚତୁର ବର୍ଗ ଯେ ପ୍ରାପତ ॥
ସେରାଜ୍ୟେ ଯେତେ ସୌଦାଗର । ନୋହିଲା ତାଙ୍କ କାରବାର ॥
ସମସ୍ତେ ଚଳ ପକ୍ଷ ହୋଇ । ଧାର କରଜ କଲେ ନାହିଁ ॥
ବୁଲାଇ ଜୀବିକା ତାଙ୍କରେ । ଗୁହାରି କଲେ ରାଜାଠାରେ ॥
ରାଜା ବୋଇଲେ ସୌଦାଗର । କିମ୍ପା ଅଇଲ ଆମ୍ଭପୁର ॥
ଶୁଣି ବୋଇଲେ ମହାଜନ । ଆମ୍ଭ ଗୁହାରି କହୁ ଶୁଣ ॥
ମଧୁସୂଦନ ସେ ବ୍ରାହ୍ମଣ । ଦରିଦ୍ର ଭିକ୍ଷୁକ ସେ ଜାଣ ॥
ଶ୍ରୀପୁର ମଧ୍ୟରେ ସେ ଥାଇ । ତ୍ରିନାଥ ନାମେ ମେଳା ଦେଇ ॥
ତ୍ରିନାଥ ବୋଲି ସେ ଠାକୁର । ତାଙ୍କୁ ପୂଜିଲା ଦ୍ୱିଜବର ॥
ସକଳ ସମ୍ପଦ ଆବର । ଲଭିଲା ସେହି ଦ୍ୱିଜବର ॥
ସେ ନଗ୍ରେ ଯେତେ ଜନ୍ମିଥିଲେ । ତ୍ରିନାଥ ପୂଜା ସର୍ବେ କଲେ ॥



ଅନ୍ଧ ବଧିର ଲୋକ ଯେତେ । ମୁକତି ହୋଇଲେ ସମସ୍ତେ ॥
ପୂର୍ଣ୍ଣ ହୋଇଲା ଧନ ଧାନ୍ୟ । ଯେସନେ କୁବେର ସମାନ ॥
ବେପାର ବୁଡ଼ିଲା ଆମ୍ଭର । କି ରୂପେ ହେବ କାରବାର ॥
ଏକଥା ଶୁଣଣ ନୃପତି । ବୋଇଲା ବଡ଼ କୋପମୂର୍ତ୍ତି ॥
ସକଳ ପରଜା ଡକାଇ । ବୋଇଲେ ରାଜା ରୋଷ ହୋଇ ॥
ତ୍ରିନାଥ ବୋଲି କି ଠାକୁର । ତାହାକୁ ତୁମ୍ଭେ ପୂଜା କର ॥
ସେ ପୂଜା ଯୋଜନ କରିବ । ପଚାଶ ଟଙ୍କା ସେହୁ ଦେବ ॥
ଛଅ ମାସ କୟେଦୀ ସେ ଖଟିବ । ନୋହିଲେ ଶୂଳି ସେ ପାଇବ ॥
ଏମନ୍ତ ସର୍ବେ ଶୁଣିଗଲେ । ଆପଣା ଭୁବନେ ମିଳିଲେ ॥
ପ୍ରଭୁ ଯେ ଏକଥା ଜାଣିଲେ । ରାଜାଙ୍କୁ ଦଣ୍ଡ ଯେ ବିହିଲେ ॥
ରାଜାଙ୍କ ବଡ଼ ପୁଅ ଜାଣ । ତାହାର ହୋଇଲା ମରଣ ॥
ତ୍ରିନାଥ ମେଳା ନିନ୍ଦା କଲା । ତାହାର ବଡ଼ ପୁଅ ମଲା ॥
ରାଜାର ନଗରେ ଚହଳ । ଶୁଭଇ ମୁଖ ରାବ ଗୋଳ ॥
ଜନ ପରଜା ଯେତେ ଥିଲେ । ଶୁଣିଣ ସମସ୍ତେ ଧାଇଁଲେ ॥
କେ ବୋଲେ ଦଇତ୍ୟର କୃତ୍ୟ । କେ ବୋଲେ ମଲା ରାଜସୁତ ॥
ପୁତ୍ର ବଦନ ଚାହିଁକରି । ବସି କାନ୍ଦଇ ଦଣ୍ଡଧାରୀ ॥
ସେ କଥା ଶୁଣି ମହାଦେଇ । କାନ୍ଦଇ ମୁଣ୍ଡ କୋଡ଼ି ହୋଇ ॥
ଶୁଣିଣ ପାତ୍ର ମନ୍ତ୍ରୀଗଣ । ସମସ୍ତେ କରନ୍ତି ରୋଦନ ॥
ଉଦନ୍ତେ ରୋଦନ ସାରିଣ । ଡକାଇ ସବୁ ବନ୍ଧୁଗଣ ॥
ପୁତ୍ରକୁ ଶ୍ମଶାନକୁ ନେଲେ । ଦାହ କରିବା ବିଚାରିଲେ ॥
ସ୍ୱର୍ଣ୍ଣଭଦ୍ରାର ନଦୀତଟ । ଘେନି ଚଳିଲେ ରାଜଥାଟ ॥
ପୁତ୍ରକୁ ରଖିଣ ସେଠାର । କରନ୍ତି ଅଗ୍ନିର ବିଚାର ॥
ତା ଦେଖି ପ୍ରଭୁ ତ୍ରୟନାଥ । ବିଚାରି ଆପଣାର ଚିତ୍ତ ॥
ବଞ୍ଚାଇ ଦେବା ରାଜସୁତ । ଆମ୍ଭର ନାମ ହେବ ଖ୍ୟାତ ॥

ଏମନ୍ତେ ବ୍ରାହ୍ମଣ ବେଗେଣ । ଆସି ମିଳିଲେ ତିନି ଜଣ ॥
ତିନି ବ୍ରାହ୍ମଣ ରୂପ ହୋଇ । ମିଳିଲେ ତ୍ରିନାଥ ଗୋସାଇଁ ॥
ବୋଇଲେ ଶୁଣ ରାଜଥାଟ । କିମ୍ପା ବସିଛ ରାଜଘାଟ ॥
ସକଳ ଲୋକ ମେଳ ହୋଇ । ଏଠାରେ ବସିଛ କିମ୍ପାଇଁ ॥
ଏ ପିଲା ଶୋଇଛି କିମ୍ପାଇ । ଏହାର ହୃଦେ ଜ୍ଞାନ ନାହିଁ ॥
ଏକଥା ଶୁଣିଲେ ସମସ୍ତେ । କହନ୍ତି ତ୍ରିନାଥ ଅଗ୍ରତେ ॥
କିସ କହିବୁ ଦ୍ୱିଜବର । ମଲା ଯେ ରାଜାର କୁମର ॥
କି ଦୋଷ କଲା ନରସାଇଁ । ତା ପୁତ୍ର ମଲା ଯେ କିମ୍ପାଇଁ ॥
ତ୍ରିନାଥ ବୋଲନ୍ତି ଉତ୍ତର । ମରି ନାହିଁ ରାଜ କୁମର ॥
ତ୍ରିନାଥଂ ଅପରାଧୀ ସେହି । ସେଥି ଯୋଗରୁ ମୃତ୍ୟୁ ହୋଇ ॥
ଏବେ ହୋ ଚିନ୍ତ ତ୍ରୟୋନାଥ । ଉଠି ବସିବ ତାର ସୁତ ॥
ମେଳା ଯେ ମାନୁ ନୃପବର । ତେବେ ବଞ୍ଚିବ ତା କୁମର ॥
ଏତେ କହିଣ ପ୍ରଭୁ ତହିଁ । ଶୂନ୍ୟରେ ଗଲେକ ଉଭାଇ ॥
ତ୍ରିନାଥ ନାମ ସପ୍ତବାର । କହିଲେ ପୁତ୍ରର କର୍ଣ୍ଣର ॥
ମାନିଲା ସେହି ପାଞ୍ଚମେଳା । ଉଠି ବସିଲା ରାଜବଳା ॥
ତ୍ରିନାଥ ନାମ ପୁଣ ପୁଣ । ସର୍ବେ କରନ୍ତି ଉଚ୍ଚାରଣ ॥
ଦେଖିଣ ହୋଇଲେ ଆନନ୍ଦ । ମୁଖ ତା ପୂର୍ଣ୍ଣିମାର ଚାନ୍ଦ ॥
ଶୁଭଇ ମୁଖରାବେ ଗୋଳ । ଯେସନେ ସମୁଦ୍ର କଲ୍ଲୋଳ ॥
ଏକାଳେ ଏକ ସୌଦାଗର । ନାବ ଘେନିଣ ଦରିଆର ॥
ନବ ଘେନିଣ ଯାଉଥିଲା । ସ୍ୱର୍ଣ୍ଣଭଦ୍ରା କୂଳେ ମିଳିଲା ॥
ନାବକୁ କୂଳରେ ଖଟାଇ । ସେ ସ୍ଥାନେ ମିଳିଲାକ ଯାଇଁ ॥
ବୋଲଇ ଶୁଣ ସର୍ବଜନ । ତ୍ରିନାଥ ବୋଲି କିସ ନାମ ॥
ଏହା ଯେ ବୋଲୁଛ ମୁଖରେ । ଶୁଣିବା ଶ୍ରଦ୍ଧା ମୋ ଚିତ୍ତରେ ॥
ତା ଶୁଣି ରାଜଲୋକ କହି । ଶୁଣ ହୋ ମହାଜନ ଭାଇ ॥



ସେ ବ୍ରହ୍ମା ବିଷ୍ଣୁ ମହେଶ୍ୱର । ତ୍ରିନାଥ ନାମେ ସେ ଠାକୁର ॥
ତାକୁ ଅମାନ୍ୟ ରାଜା କଲା । ତହିଁର ଫଳ ସେ ପାଇଲା ॥
ରାଜାର ବଡ଼ ପୁତ୍ର ଜାଣ । ତାହାର ହୋଇଲା ମରଣ ॥
ମୃତ ବାଳକ ଆମ୍ଭେ ଆଣି । ଦେବାକୁ ବସିଥିଲୁ ବହ୍ନି ॥
ତା ଦେଖି ପ୍ରଭୁ ଦୟା କଲେ । ମୃତ ବାଳକ ବଞ୍ଚାଇଲେ ॥
ଆମ୍ଭେ ମାନିଲୁ ପାଞ୍ଚ ମେଳା । ଉଠି ବସିଲା ରାଜବଳା ॥
ତା ଶୁଣି ଧନୀର କୁମର । ଆନନ୍ଦ ହୋଇଲା ମନର ॥
ଏମନ୍ତ ପ୍ରଭୁ କାହିଁ ଗଲେ । ମୃତ ବାଳକ ବଞ୍ଚାଇଲେ ॥
ସାତ ନଉକା ଏ ଯେ ମୋର । ଲାଗିଛି ନଦୀର କୂଳର ॥
ଶୁଭରେ ଫେରିଣ ଆସିବି । ଗୃହକୁ ଗମନ କରିବି ॥
କିଛି ଅନିଷ୍ଟ ନ ଦେଖିବି । ପ୍ରଭୁଙ୍କୁ ପାଞ୍ଚ ମେଳା ଦେବି ॥
ଏମନ୍ତେ କାମନା ସେ କଲା । ନାବ ଚଳାଇ ବେଗେ ଗଲା ॥
ବିଦେଶେ ରହି ମହାଜନ । ଲାଭ ପାଇଲା ବହୁ ଧନ ॥
ପ୍ରବେଶି ନିଜ ରାଜ୍ୟେ ଯାଇ । ନାବକୁ କୂଳରେ ଖଟାଇ ॥
ମାଝି ମାଲଦା ଯେତେ ଥିଲେ । ଗୃହକୁ ଧନ ବୋହି ନେଲେ ॥
ଧନ ରଖିଣ ଭଣ୍ଡାରରେ । ଆନନ୍ଦ ହେଲା ସୌଦାଗର ॥
ଧନ ଦେଖିଣ ଭୋଳ ହେଲା । ପ୍ରଭୁଙ୍କ ମେଳା ପାଶୋରିଲା ॥
ତା ଜାଣି ପ୍ରଭୁ କୋପ କଲେ । ଧନୀକି ଦଣ୍ଡ ସେ ବିହିଲେ ॥
ଅର୍ଦ୍ଧେକ ମାଲ ନେଇଥିଲା । ଅର୍ଦ୍ଧେକ ଜଳରେ ବୁଡ଼ିଲା ॥
ମାଝି ମାଲଦା ଯେତେ ଥିଲେ । ସମସ୍ତେ ଜଳରେ ବୁଡ଼ିଲେ ॥
ତା ଦେଖି ଧନୀର କୁମର । ଅଜ୍ଞାନେ ଲୋଟଇ ଭୂମିର ॥
ସଚେତ ହୋଇ ଗୁଣ ପୁଣ । କାନ୍ଦେ ବିଧାତା ସୁମରିଣ ॥
ଶୂନ୍ୟରେ ଥାଇ ତ୍ରୟନାଥ । ଡାକିଲେ ଶୁଣ ଧନୀସୁତ ॥
ତୁ ଯେ ନ ଦେଲୁ ଆମ୍ଭ ମେଳା । ସେ ଯୋଗୁଁ ବୁଡ଼ିଲା ତୋ ଭେଳା ॥

ଯେବେ ତୁ ପାଞ୍ଚ ମେଳା ଦେବୁ । ତେବେ ତୁ ତୋ ଭେଳା ପାଇବୁ ॥
ଏମନ୍ତ ଶୁଣି ସୌଦାଗର । ବିଚାରେ ଆପଣା ମନର ॥
ପୂର୍ବେ କାମନା କରିଥିଲି । ପ୍ରଭୁଙ୍କୁ ମେଳା ପାଣ ଗିଲି ॥
ସକଳ କର୍ମ କରି ଦୂର । ପୂଜିଲେ ତ୍ରିନାଥ ପୟର ॥
ଏମନ୍ତେ କାମନା ସେ କଲା । ମେଳାର ବିଧି ଭିଆଇଲା ॥
ସକଳ ଲୋକଙ୍କୁ ଅଣାଇ । ପ୍ରଭୁଙ୍କ ମେଳା ସେ ଭିଆଇ ॥
ମେଳା ଦେଇଣ ସୌଦାଗର । ଆନନ୍ଦେ ଯୋଡ଼ି ବେନିକର ॥
ନାବ ଜଳରେ ବୁଡ଼ିଥିଲା । ତକ୍ଷଣେ ବାହାର ହୋଇଲା ॥
ଦେଖିଣ ଧନୀ ଯେ ଆନନ୍ଦ । ମୁଖତା ପୂର୍ଣ୍ଣିମାର ଚାନ୍ଦ ॥
ମାଝି ମାଲଦା ଯେତେ ଥିଲେ । ଗୃହକୁ ଧନ ବୋହି ନେଲେ ॥
ଏମନ୍ତ ଧନୀର କୁମର । ମିଳିଲା ଅଗଣା ମନ୍ଦିର ॥
ସେ ଦିନ ଧନୀର କୁମର । ଡକାଇ ବନ୍ଧୁ ସହୋଦର ॥
ପାନ ଗୁଆ ଗଞ୍ଜାଇ ତେଲ । ଧନୀ ସକଳ କଲା ଠୁଳ ॥
ଏମନ୍ତେ ମେଳା ବିଧି ଦେଇ । ସାଷ୍ଟାଙ୍ଗେ ଦଣ୍ଡବତ ହୋଇ ॥
ରାଜ୍ୟରେ ଦେଲାକ ଘୋଷଣା । ଦେଖି ଅଇଲେ ସର୍ବଜନେ ॥
ଏମନ୍ତେ ଜଣେ ଅନ୍ଧ ତହିଁ । ଡାକଇ ଆହେ ଭାଇ ଭାଇ ॥
ତୁମେ କେ କିସ ତୁମ୍ଭ ନାମ । କେଣିକି କରୁଛ ଗମନ ॥
ଏମନ୍ତେ ଅନ୍ଧର ବଚନେ । ହସି ବୋଲନ୍ତି ସର୍ବଜନେ ॥
ଆମ୍ଭେ ଯାଉଛୁ ସର୍ବଜନେ । ତ୍ରିନାଥ ମେଳା ଦରଶନେ ॥
ତା ଶୁଣି ସେ ଅନ୍ଧ ବୋଲଇ । ମୋହର ପୁଣି ଚକ୍ଷୁ ନାହିଁ ॥
ତୁମ୍ଭେତ ଦେଖିବ ଚକ୍ଷୁର । ମୁଁ ପାପୀ ଦେଖିବି କାହିଁର ॥
ସର୍ବେ କହନ୍ତି ଅନ୍ଧ ଶୁଣ । ଚିନ୍ତ ତୁ ତ୍ରିନାଥ ଚରଣ ॥
ଭଲ ହୋଇବ ଚକ୍ଷୁ ତୋର । ଦେଖିବୁ ପୂଜା ପ୍ରଭୁଙ୍କର ॥
ଏହା କହିଣ ଚଳିଗଲେ । ତ୍ରିନାଥ ପୂଜାରେ ମିଳିଲେ ॥



ଅନ୍ଧ ଯେ ବସିଣ ବାଟରେ । ତ୍ରିନାଥ ଜପଇ ମନରେ ॥
ଏମନ୍ତେ ଅନ୍ଧ ଜପୁଥିଲା । କିଞ୍ଚିତ ମାତ୍ର ଦୃଶ୍ୟ ହେଲା ॥
ତହୁଁ ସେ ଅଣ୍ଡାଳି ଅଣ୍ଡାଳି । ଖଣ୍ଡେ ଦୂରକୁ ଗଲା ଚଳି ॥
ଏମନ୍ତେ ଏକ ଛୋଟା ତହିଁ । ବାଟରେ ବସିଣ ଅଛଇ ॥
ସେଠାରେ ଅନ୍ଧ ଯେ ମିଳିଲା । ଛୋଟା ଦେଖିଣ ପଚାରିଲା ॥
ସ୍ୱଭାବେ ଅନ୍ଧ ଅଟୁ ତୁହି । କାହିଁକି ଯାଉ କଷ୍ଟ ପାଇ ॥
ଅନ୍ଧ ବୋଲଇ ଶୁଣ ଭାଇ । ମେଳା ଦେଖିଣ ଯିବି ମୁହିଁ ॥
ଛୋଟା ବୋଲଇ ଶୁଣ ଭାଇ । ମୋତେ ପ୍ରଭୁଙ୍କ ଦୟା ନାହିଁ ॥
ହସ୍ତପଦ ଯେ ନାହିଁ ମୋର । ଚାଲିବି କେଉଣ ପ୍ରକାର ॥
ପାଦ ଯେ ତୋହର ଅଛଇ । ଅଣ୍ଡାଳି ଚାଲିଯିବୁ ତୁହି ॥
ଅନ୍ଧ ବୋଲଇ ଶୁଭ ଭାଇ । ତ୍ରିନାଥ ନାମ ଜପ ତୁହି ॥
ଭଲ ହୋଇବ ଗୋଡ଼ ହାତ । ଏକ୍ଷଣି ହୋଇ ଯିବା ସାଥ ॥
ସ୍ୱଭାବେ ଅନ୍ଧଥିଲି ମୁହିଁ । କିଛି ଯେ ଦିଶୁଥିଲା ନାହିଁ ॥
ଜପିଲି ତ୍ରିନାଥଙ୍କ ନାମ । କିଞ୍ଚିତେ ଦୃଶ୍ୟ ହେଲା ଜାଣ ॥
ଏ ହେତୁ ଚିନ୍ତ ତୁ ତ୍ରିନାଥ । ଖଣ୍ଡିବେ ତୋହରି ଦୁରିତ ॥
ତ୍ରିନାଥ ତ୍ରିନାଥ ତ୍ରିନାଥ । ଛୋଟା ଭାବଇ ହୃଦଗତ ॥
ଛୋଟା ବୋଲଇ ଅନ୍ଧ ଭାଇ । କଥାଏ କହିବଇଁ ମୁହିଁ ॥
ଗୋଡ଼ ଯେ ଅଛଇ ତୋହର । ମୁଁ ପାପୀ ଚାହିଁବି କାହିଁର ॥
ମୋତେ ତୁ ବସାଅ କାନ୍ଧର । ଅଣ୍ଡାଳି ଚାଲ ଧୀର ଧୀର ॥
ମୁଁ ଯେ କଢ଼ାଇ ନେବି ପଥ । ନିଶ୍ଚୟ ଚାଲ ହୋ ସଙ୍ଗାତ ॥
ଥୋକାଏ ପଥ ତହୁଁ ଯାଇ । ବସିଲେ ବାଟେ ଶ୍ରମ ପାଇ ॥
ଅନ୍ଧ ବୋଲଇ ହେ ସଙ୍ଗାତେ । ସବୁତ ଦିଶିଲାଣି ମୋତେ ॥
ଛୋଟା ବୋଲଇ ଆରେ ଭାଇ । ଏବେ ତ ଚାଲିଯିବି ମୁହିଁ ॥
ଅନ୍ଧ ଛୋଟା ଯେ ଚଳିଗଲେ । ତ୍ରିନାଥ ମେଳାରେ ମିଳିଲେ ॥

ଏମନ୍ତେ ଏକ ସେ ବୈଷ୍ଣବ । ନିତ୍ୟେ ଆସଇ ମେଳାଠାବ ॥

ମେଳା ନ ସରୁ ସେହି ଯାଇ । ଆପଣା ଗୃହରେ ମିଳଇ ॥

ଏମନ୍ତେ କରେ ପ୍ରତିଦିନ । ମେଳା ନ ସରୁ ଯାଏ ପୁଣ ॥

ସକଳେ ମେଳା ପୂଜାକରି । ନିଜ ମନ୍ଦିରେ ଯାନ୍ତି ଚଳି ॥

ସମସ୍ତେ ବିଚାର କରନ୍ତି । ବୈଷ୍ଣବ କିମ୍ପା ଆଗେ ଯାନ୍ତି ॥

ତାହାକୁ ଆଜ ଏ ମେଳାର । ବସାଇ ନ ଦେବା ସଭାର ॥

ସମସ୍ତେ ଏକମୁଖ ହୋଇ । ବୈଷ୍ଣବ ମୁଖ ଚାହିଁ କହି ॥

ମେଳା ନ ସରୁ ଯାଉ ତୁହି । ମେଳାକୁ ତୋତେ ମନା ନାହିଁ ॥

ମେଳା ନ ସରୁ ନ ଯିବଇଁ । ଏ କଥା ସତ୍ୟ ମୋ ଅଟଇ ॥

ଯେବେ ଆସିବେ ଗୁରୁ ମୋର । ତେବେ ନ ଯିବି ପୁନର୍ବାର ॥

ଦଇବେ ଗୁରୁ ସେ ଦିନର । ଆସି ମିଳିଲେ ତାର ଘର ॥

ଗୁରୁ ନ ପାଇ ବୈଷ୍ଣବକୁ । ପଚାରେ ବୈଷ୍ଣବ ମାତାକୁ ॥

ତା ମାତା ବୋଲନ୍ତି ଉତ୍ତର । ପୁତ୍ର ଯାଇଛି ମେଳାଠାର ॥

ସାଧୁ ଯେ ବୋଲୁଛନ୍ତି ତହିଁ । କେବଣ ମେଳା ସେ ଅଟଇ ॥

ପାନ ସୁପାରି ଯେ ଗଞ୍ଜାଇ । ମାଲପା ଦ୍ୱୀପ ତହିଁ ଥୋଇ ॥

କେବଳ ସମର୍ପଣ ହୋଇ । ତାହାଙ୍କ ନିଜ ପୂଜା ଏହି ॥

ତା ଶୁଣି ସାଧୁ ଚଳିଗଲେ । ତ୍ରିନାଥ ମେଳାରେ ମିଳିଲେ ॥

ଦେଖନ୍ତି ସର୍ବ ଲୋକମାନେ । ପୂଜନ୍ତି ତ୍ରିନାଥ ଚରଣେ ॥

ଦେଖିଣ ସାଧୁ କୋପ କଲେ । ବହୁତ ଗାଳି ତାଙ୍କୁ ଦେଲେ ॥

ମେଳା ଆସ୍ଥାନ ଭାଙ୍ଗି ଦେଇ । ଗୋଡ଼ରେ ଦେଲେ ଫୋପଡ଼ାଇ ॥

ବଇଷ୍ଣବକୁ ସାଧୁ ଚାହିଁ । ବହୁତ ଗାଳି ତାଙ୍କୁ ଦେଇ ॥

ଶିଷ୍ୟଙ୍କୁ ସଙ୍ଗତରେ ନେଲେ । ସେଠାରୁ ସାଧୁ ଚଳିଗଲେ ॥

ଥୋକାଏ ପଥ ବହିଯାନ୍ତେ । ମେଘ ଯେ ବରଷିଲା ପଥେ ॥

ଘୋର ଅନ୍ଧକାର ହୋଇଲା । ଚାଲିବା ପଥ ନ ଦିଶିଲା ॥



ପବନ ବହେ ଅଣତାଶ । ନ ଦିଶେ ଗ୍ରାମ ନଗ୍ର ଦେଶ ॥

ମେଘର ଗମ୍ଭୀର ଗର୍ଜନ । ବିଜୁଳି ତେଜ ଘନ ଘନ ॥

ଗୁରୁ ଶିଷ୍ୟ ଯେ ଦୁହେଁ ତହିଁ । ବହୁତ ଅବସ୍ଥା ଯେ ପାଇ ॥

ନ ପାଇ ବଇଷ୍ଣବ ଘରେ । ବଣା ହୋଇଲେ ସେ ବାଟରେ ॥

ବୈଷ୍ଣବ ଘର ନ ଯାଇଣ । ସାଧୁର ଘରେ ପହଞ୍ଚିଣ ॥

ଚାହିଁଲେ ସାଧୁର ମନ୍ଦିରେ । ତା ମାତା କାନ୍ଦୁଛି ଦୁଆରେ ॥

ସାଧୁ ହୋଇଲା ଆଚମ୍ବିତ । ମରିଛି ତା'ର ଭାର୍ଯ୍ୟା ସୁତ ॥

ତହୁଁ ସେ ମୂର୍ଚ୍ଛାଗତ ହେଲେ । ବୈଷ୍ଣବ ତୋଳିଣ ଧଇଲେ ॥

ସଚେତ କରିଣ ବସାଇ । ମୁଖେ ସିଞ୍ଚିଲେ ଜଳ ନେଇ ॥

ବୈଷ୍ଣବ ବୋଇଲେ ଗୋସାଇଁ । ତ୍ରିନାଥ ଦ୍ରୋହୀ ଅଟୁ ତୁହି ॥

ତ୍ରିନାଥ ମେଳା ତୁ ଭାଙ୍ଗିଲୁ । ତହିଁର ଫଳ ତୁ ପାଇଲୁ ॥

ଏବେ ତୁ ଏକ ଚିତ୍ତ ହୋଇ । ତ୍ରିନାଥ ପୂଜା ଦିଅ ତୁହି ॥

ବଞ୍ଚିବେ ତୋର ଭାର୍ଯ୍ୟା ସୁତ । ସ୍ୱପତ୍ନୀ ଆଦି ହିଁ ସମସ୍ତ ॥

ବୈଷ୍ଣବ ମୁଖୁଁ ଏହା ଶୁଣି । ମାନିଲା ପାଞ୍ଚ ମେଳା ପୁଣି ॥

ଉଠି ବସିଲା ତାର ସୁତ । ସ୍ୱପତ୍ନୀ ଆଦି ହିଁ ସମସ୍ତ ॥

ସାଧୁ ଯେ ମନେ ବିଚାରଇ । ଅପ୍ରାଧ ମୁହିଁ ଯେ କରଇ ॥

ତ୍ରିନାଥ ମେଳା ମୁଁ ଭାଙ୍ଗିଲି । ତହିଁର ଫଳ ମୁଁ ପାଇଲି ॥

ମୁଁ ମୂଢ଼ ଅଧର୍ମ ପାମର । ମହିମା ନ ଜାଣେ ପ୍ରଭୁର ॥

ମେଳାର ଯେତେ ବିଧିମାନ । ସମସ୍ତ କଲାକ ଭିଆଣ ॥

ଆନନ୍ଦେ ମେଳା ସମର୍ପିଲା । ପ୍ରଭୁଙ୍କୁ ନମସ୍କାର କଲା ॥

ମାଲପା ଜଳିଣ ସରିଲା । ପ୍ରଭୁଙ୍କ ମେଳା ପୂର୍ଣ୍ଣ ହେଲା ॥

ପାନ ସୁପାରି ଯେ ଗଞ୍ଜାଇ । ସମସ୍ତେ ବାଣ୍ଟିଣ ଯେ ଖାଇ ॥

ଏ ଗୀତ ଯେ ଜନ ଶୁଣିବେ । ଅକ୍ଷ କୁଷ୍ଠରୁ ମୁକ୍ତ ହେବେ ॥

ପୁରୁଷ ଜନ ଯେ ଶୁଣିବେ । ଅନ୍ନ ବସ୍ତ୍ରରେ ସୁଖୀ ହେବେ ॥

ଅପୁତ୍ର ସ୍ତ୍ରୀ ପୁତ୍ର ପାଆନ୍ତି । ଶ୍ରଦ୍ଧାରେ ଯେବେ ସେ ଶୁଣନ୍ତି ॥



SAGAR BOOK HOUSE
BANKA BAZAR CUTTACK-2
(ମୂଲ୍ୟ-୧୫ଟଙ୍କା ମାତ୍ର)



ହାସ୍ୟ ଯେ ଏହାଙ୍କୁ କରିବେ । ଅନ୍ଧ ବଧିର ସେ ହୋଇବେ ॥
ପୂଜାକୁ ତାଙ୍କ ଦ୍ରବ୍ୟମାନ । ଆଣି କରିବ ସମର୍ପଣ ॥
ଯେ ବ୍ରହ୍ମା ବିଷ୍ଣୁ ମହେଶ୍ୱର । ତାଙ୍କ ଚରଣେ ସମର୍ପଣ ॥
ତିନିଙ୍କୁ ତିନିଠାବ କରି । ଅଗ୍ରେ ପୂଜିବ ନରହରି ॥
ଗନ୍ଧ ଚନ୍ଦନ ପୁଷ୍ପ ଆଣି । ତୋଷିବ ଜଣେ ଜଣେ ପୁଣି ॥
ନୈବେଦ୍ୟ ସମର୍ପଣ ଦେବ । ଯେ ଯାହା ଶୁଭ ମନାସିବ ॥
ତାମ୍ବୁଳ ତିନି ଭାଗ କରି । ଆଗେ ରଖିବ ଯତ୍ନକରି ॥
ଆସ୍ଥାନ ଦର୍ହିର ଉପରେ । ଗଣେଶ ରହିବେ ବାମରେ ॥
ତିନି ବତୀ ଯେ ଲଗାଇବ । ଆସ ହେ ତ୍ରିନାଥ ବୋଲିବ ॥
ସବୁ ଯେ ଅର୍ପଣ କରିବ । ତ୍ରିନାଥ ଚରଣେ ପଡ଼ିବ ॥
ସମସ୍ତେ ଏକ ମନେ ବସି । କଥା ଶୁଣିଣ ହେବ ତୋଷି ॥
ପ୍ରସାଦ ବାଣ୍ଟିଣ ଖାଇବ । ଅଳ୍ପ ବହୁତ ନ କହିବ ॥
ଏ ଗୀତ ହୋଇଲା ସମ୍ପୂର୍ଣ୍ଣ । ତ୍ରିନାଥ ବୋଲ ସର୍ବଜନ ॥

....o....

## ତ୍ରିନାଥ ମହାପ୍ରଭୁଙ୍କ ଭଜନ

ତ୍ରିନାଥ ହେ ଅନାଥ ଜନଙ୍କର ନାଥ । ଦୀନହୀନ କି ବର୍ଣ୍ଣିବି ମହିମା ଅନନ୍ତ ( ଘୋଷା ) । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତ୍ରିନାଥ ନାମେ ପ୍ରଚାର । ଯାହା ନାମେ ବିପ୍ରବର ପୂର୍ଣ୍ଣ ମନୋରଥ । ଧରିଣ ଯାହାର ନାମ ଅନ୍ଧ ପାଏ ଚକ୍ଷୁ ଦାନ । ଛାଟା ପାଦ ପାଇ ପୁଣି ହୋଇଲା ମୁକତ । ପାଶୋରିଲା ସୌଦାଗର ନାବ ବୁଡ଼ିଲା ତାହାର । ମହିମା ବଳେ ଉଦ୍ଧାର ହୋଇଲା ଯଥାର୍ଥ । ନିନ୍ଦନ୍ତେ ବୈଷ୍ଣବ ଗୁରୁ ବଂଶ ନାଶ ସମୂଳରୁ । ହୋଇବା ଦେଖି ଭଜିଲା ତ୍ରିନାଥ ତ୍ରିନାଥ । ଭାଷେ ଦୀନ ବଳରାମ ଭଜ ତ୍ରିନାଥ ଚରଣ । ଧ୍ୟାନରେ ହଟିବ ଯମ ମିଳିବ ସୁପଥ ।

- ସମାପ୍ତ -